Prameya 23.7.16

# ଗାଁ ସମସ୍ୟାର ସମାଧାନ ପାଇଁ କାମ କର: ହରିନାରାୟଣ

**ଆଇଆଇଟିର ନବମ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୨୨।୭(ବ୍ୟୁରୋ): ଆଇଆଇଟି ହେଉଛି ଦେଶର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଏଠାରେ ସବୁଠୁ ଭଲ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ଭଲ ଛାତ୍ରଛାତ୍ରୀ ପାଠ ପଢିଥାନ୍ତି। ତେଣୁ ଏହି ଛାତ୍ରଛାତ୍ରୀ ନିକଟରେ ଥିବା ଗାଁଗୁଡିକର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ପଦ୍ମଶ୍ରୀ ପ୍ରଫେସର କୋଟା ହରିନାରାୟଣ କହିଛନ୍ତି।

ଶୁକ୍ରବାର ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) ଭୁବନେଶ୍ୱରର ନବମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଫେସର ହରିନାରାୟଣ କହିଥିଲେ, ଆଇଆଇଟି ଛାତ୍ରମାନେ ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଅନ୍ୟ ଅନୁଷ୍ଠାନ ସହ ମିଶି କାର୍ଯ୍ୟ କରିବା ଆବଶ୍ୟକ। ସେହିପରି ରାଜ୍ୟର ସମସ୍ତ ପ୍ରମୁଖ ଅନୁଷ୍ଠାନଗୁଡିକ ମିଶି ଓଡ଼ିଶାକୁ ଦେଶର ବୈଷୟିକ ବିପ୍ଳବର ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ଦେଶର ବିକାଶ ପାଇଁ ସମସ୍ତ ଅନୁଷ୍ଠାନଗୁଡିକ ଏକତ୍ର ହୋଇ କାର୍ଯ୍ୟ କରିବା ପାଇଁ ସମୟ ଆସିଛି ବୋଲି ପ୍ରଫେସର ହରିନାରାୟଣ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

ଉତ୍ସବରେ ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଥିଲେ, ଅରୁଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ଏବେ ଆଇଆଇଟି ଭୁବନେଶ୍ୱରର ୮୫% ପ୍ରଶାସନିକ ଓ ପାଠପଢା କାମ ଚାଲିଛି। ସମସ୍ତ ଥିଓରି କ୍ଲାସ୍ ନୂଆ କ୍ୟାମ୍ପସ୍‌ରେ ହେଉଥିବା ବେଳେ ୮୦% ପ୍ରାକ୍ଟିକାଲ୍ କ୍ଲାସ୍ ମଧ୍ୟ ନୂଆ କ୍ୟାମ୍ପସ୍‌ରେ ହୋଇପାରୁଛି। ତେବେ ଡିସେମ୍ବର ସୁଦ୍ଧା ସମସ୍ତ କ୍ଲାସ୍ ସ୍ଥାୟୀ କ୍ୟାମ୍ପସ୍‌ରେ ହେବ ବୋଲି ପ୍ରଫେସର ରାଜକୁମାର ସୂଚନା ଦେଇଥିଲେ। ଏହି ଅବସରରେ ଷ୍ଟୁଡେଣ୍ଟ୍ ଆଫେୟର୍ସ ଡିନ୍ ପ୍ରଫେସର ଭି. ଆର୍ ପେଡିରେଡି ଅତିଥି ପରିଚୟ ଦେଇଥିବା ବେଳେ ଡ. ସତ୍ୟନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

